ପରିଶିଷ୍ଟ-"ଗ"



Secretary (TD), Ministry of Welfare, New Delhi, D. C. (S.D.), Berhampur/Collector, Koraput for information

By order of the Governor

S. K. MAHAPATRA

Commissioner-*cum*-Secretary to Government

ସଂଖ୍ୟା 22932—ଏଫ. ଏଫ. ଆଇ.-1473/86-ଏଫ.

ଓଡ଼ିଶା ସରକାର

ଅର୍ଥ ବିଭାଗ

---

ନିର୍ଦ୍ଧାରଣ

---

ତା 27 ମେ 1987

ବିଷୟ—ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନାର ପରିବର୍ତ୍ତନ

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନାରେ ଥିବା ନିୟମାବଳୀରେ କେତେକ କୋହଳ ନୀତି ପ୍ରଣୟନ କରି ବେତ୍ରାଘାତ ଇତ୍ୟାଦି ଦ୍ୱାରା ଦଣ୍ଡିତ ସଂଗ୍ରାମୀ ତଥା ସେମାନଙ୍କର ନିର୍ଭରଶୀଳ ପରିବାରର ବ୍ୟକ୍ତିଙ୍କୁ ରାଜ୍ୟ ଭତ୍ତା ପ୍ରଦାନ କରିବା, ରାଜ୍ୟ ଭତ୍ତା ପାଇଁ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ତା 20-4-1967 ପରେ ଦରଖାସ୍ତ କରିଥିଲେ ମଧ୍ୟ ଉପଯୁକ୍ତ ସରକାରୀ ସାର୍ଟିଫିକେଟ ଥିଲେ କାଳଦୋଷ ଯୋଗୁଁ ତାହା ନାକଚ ନକରି ବିଚାର ପାଇଁ ଗ୍ରହଣ କରିବା, ସଂଗ୍ରାମୀଙ୍କ ମୃତ୍ୟୁ ପରେ ତାଙ୍କର ପରିବାର ନିର୍ଭରଶୀଳ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କୁ ସଂଗ୍ରାମୀଙ୍କ ନିର୍ଯ୍ୟାତନା ଭିତ୍ତିରେ ରାଜ୍ୟ ଭତ୍ତା ପ୍ରଦାନ କରିବା, କେନ୍ଦ୍ର ସ୍ୱତନ୍ତ୍ରତା ସୈନିକ ସମ୍ମାନ ଭତ୍ତା ପାଇଁ ସୁପାରିଶ କରାଯାଇଥିବା ସଂଗ୍ରାମୀମାନଙ୍କୁ ରାଜ୍ୟ ଭତ୍ତା ପ୍ରଦାନ କରିବା ଓ ଯେଉଁ ସଂଗ୍ରାମୀଙ୍କର ବିଧବା ପତ୍ନୀମାନେ କେନ୍ଦ୍ର ସ୍ୱତନ୍ତ୍ରତା ସୈନିକ ସମ୍ମାନ ଭତ୍ତା ପାଉଛନ୍ତି ସେମାନଙ୍କୁ ରାଜ୍ୟ ପ୍ରଚଳିତ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ବାରମ୍ବାର ହେଉଥିବା ଦାବୀ ଗୁଡ଼ିକ ବହୁକାଳ ହେଲା ସରକାରଙ୍କ ବିଚାରାଧୀନ ଥିଲା । ଏହି ଦାବୀ ଗୁଡ଼ିକର ସମସ୍ତ ଦିଗ ବିଚାର କରି ସରକାର ନିମ୍ନ ନିଷ୍ପତ୍ତିମାନ ଗ୍ରହଣ କରିଛନ୍ତି ।

(କ) କୌଣସି ସ୍ୱାଧୀନତା ସଂଗ୍ରାମୀ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ବେତ୍ରାଘାତ/କଶାଘାତ/କୋରଡ଼ା ମାଡ଼ ଦଣ୍ଡରେ ଦଣ୍ଡିତ ହୋଇଥିବାର ସରକାରୀ ପ୍ରମାଣପତ୍ର ଥିଲେ, ସେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

(ଖ) କୌଣସି ସ୍ୱାଧୀନତା ସଂଗ୍ରାମୀ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ କାରାବରଣ/ବେତ୍ରାଘାତ/କଶାଘାତ/କୋରଡ଼ା ମାଡ଼ ଇତ୍ୟାଦି ଦଣ୍ଡରେ ଦଣ୍ଡିତ ହୋଇଥିବା ସପକ୍ଷରେ ସରକାରୀ ପ୍ରମାଣପତ୍ର ଦେଇ ରାଜ୍ୟ ଭତ୍ତା ପାଇଁ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ତା 20-4-1967 ପରେ ଦରଖାସ୍ତ କରିଥିଲେ ମଧ୍ୟ କାଳଦୋଷ ଯୋଗୁଁ ତାହା ନାକଚ ନହୋଇ ବିଚାର ପାଇଁ ଗ୍ରହଣ କରାଯାଇପାରିବ ।



(ଗ) କୌଣସି ସଂଗ୍ରାମୀଙ୍କ ମୃତ୍ୟୁପରେ ତାଙ୍କର ପତ୍ନୀ/ପତି (ପୁନର୍ବିବାହ ନ କରିଥିଲେ), ଅବିବାହିତା ଓ ବେକାର କନ୍ୟା, ମାତା ଓ ପିତାଙ୍କ ମଧ୍ୟରୁ କ୍ରମାନୁସାରେ ଜଣେ, ସଂଗ୍ରାମୀଙ୍କ ନିର୍ଯ୍ୟାତନା ଭିତ୍ତିରେ ଜୀବଦ୍ଦଶାରେ ରାଜ୍ୟ ଭତ୍ତା ପାଇବାକୁ ହକ୍‌ଦାର ବିବେଚିତ ହେବେ ।

(ଘ) ପୂର୍ବତନ ଆଜାଦ୍ ହିନ୍ଦ୍ ଫୌଜର ସଭ୍ୟ ଏବଂ ଯଥେଷ୍ଟ ସରକାରୀ ପ୍ରମାଣପତ୍ର ନ ଥାଇ କମିଟିର ସଭ୍ୟମାନଙ୍କ ବ୍ୟକ୍ତିଗତ ଜ୍ଞାନ ଉପରେ ନିର୍ଭର କରି କେନ୍ଦ୍ର ଭତ୍ତା ସୁପାରିଶ କରାଯାଇଥିବା ସଂଗ୍ରାମୀମାନଙ୍କ ବ୍ୟତୀତ ଅନ୍ୟ ଯେଉଁସବୁ ସଂଗ୍ରାମୀମାନଙ୍କୁ (ଯାହାଙ୍କର ନିର୍ଯ୍ୟାତନା ସପକ୍ଷରେ ଉପଯୁକ୍ତ ସରକାରୀ ପ୍ରମାଣପତ୍ର ଅଛି) କେନ୍ଦ୍ର ଭତ୍ତା ଦିଆଯିବା ପାଇଁ ଭାରତ ସରକାରଙ୍କୁ ସୁପାରିଶ କରାଯାଇଛି, ସେ ସମସ୍ତେ କେନ୍ଦ୍ର ଭତ୍ତା ମଞ୍ଜୁରୀ ଆଦେଶ ପାଇବା ପୂର୍ବରୁ ମଧ୍ୟ ପ୍ରଚଳିତ ରାଜ୍ୟ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

ଯେଉଁ ସବୁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବିଧବା ପତ୍ନୀମାନେ କେନ୍ଦ୍ର ସ୍ୱତନ୍ତ୍ରତା ସୈନିକ ସମ୍ମାନ ଭତ୍ତା ପାଉଛନ୍ତି, ସେମାନେ ମଧ୍ୟ ରାଜ୍ୟ ପ୍ରଚଳିତ ଭତ୍ତା ପାଇବାକୁ ହକ୍‌ଦାର ହେବେ । ଏହି ଭତ୍ତା ସେମାନଙ୍କୁ 1-4-1987 ତାରିଖଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିଲେ ମିଳିବ ।

---

ଆଦେଶ—ଉପରୋକ୍ତ ନିର୍ଦ୍ଧାରଣଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶ କରାଯାଉ ଏବଂ ତାହାର ନକଲ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କମିଟିର ଅଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ/ସରକାରଙ୍କ ସମସ୍ତ ବିଭାଗ/ସମସ୍ତ ବିଭାଗୀୟ ମୁଖ୍ୟ/ସମସ୍ତ ଜିଲ୍ଲାପାଳ/ଓଡ଼ିଶା ଆକାଉଣ୍ଟାଣ୍ଟ-ଜେନେରାଲ, ଭୁବନେଶ୍ୱର ଏବଂ ଡେପୁଟି ଆକାଉଣ୍ଟାଣ୍ଟ-ଜେନେରାଲ, ପୁରୀଙ୍କୁ ପ୍ରେରଣ କରାଯାଉ ।

[ ଅସ୍ପଷ୍ଟ ]

ଶାସନ ସଚିବ

ସଂଖ୍ୟା 58290—ଏ. ଏସ୍. 11-294/86-ଅର୍ଥ

ଓଡ଼ିଶା ସରକାର

ଅର୍ଥ ବିଭାଗ

---

ନିର୍ଦ୍ଧାରଣ

---

ତା 9 ଡିସେମ୍ବର 1986

ବିଷୟ—ରାଜ୍ୟରେ ଆଦିବାସୀ ଓ କେତେକ ଅନ୍ୟ ଅନଗ୍ରସର ଅଞ୍ଚଳରେ କାର୍ଯ୍ୟ କରୁଥିବା ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ/କ୍ଷତିପୂରଣ ଭତ୍ତା ବ୍ୟବସ୍ଥା ସମୀକ୍ଷା ନିମନ୍ତେ କମିଟି ଗଠନ ।

ରାଜ୍ୟରେ ଆଦିବାସୀ ଓ କେତେକ ଅନ୍ୟ ଅନଗ୍ରସର ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନ୍ତର୍ଭୁକ୍ତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ପ୍ରୋତ୍ସାହନ/